# Akashvani, Sambalpur

## SAMBALPURI NEWS EVENING BULLETIN

**30 August 2024- 7.02 pm- 7.12 pm.**

*************************************************

୧- ଗ୍ଲୋବାଲ୍ ଟ୍ରେଡ୍ ସୋ 'ରିସ୍ରର୍ଜେଂଟ୍ ଓଡ଼ିଶା-୨୦୨୪' କେ ଉଦ୍‌ଘାଟନ୍ କଲେ ମୁଖ୍ୟମନ୍ତ୍ରୀ ।

- କହେଲେ ରାଏଜେ ଶିଳ୍ପାୟନ ବଢ଼୍‌ଲେ ଯୁଆନ୍ ପିଲା ଟୁକେଲ୍‌ମାନ୍‌କର୍ ଲାଗି ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେଇପାର୍‌ବା ।

୨- ସ୍ନାତକ ଆଉ ସ୍ନାତକୋତର୍ ଛାତ୍ରଛାତ୍ରୀଙ୍କୁ ଆର୍ଥିକ୍ ସାହାଜ୍ ଦେବାର୍ ଲାଗି ପ୍ରସ୍ତୁତ୍ କରାଯାଉଛେ ନୂଆଁ ଯୋଜ୍‌ନା- କହେଲେ ଉଚ୍ଚଶିକ୍ଷା ମନ୍ତ୍ରୀ ।

୩- ସୁଭଦ୍ରା ଯୋଜ୍‌ନା ବାବ୍‌ଦେ ସୂଚ୍‌ନା ପାଏବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଜାରି ହେଲା ଟୋଲ୍‌ଫ୍ରି ନମ୍ବର୍ ।

୩- ଶ୍ରୀମନ୍ଦିର୍ ପରିଚାଳନା କମିଟି ବୈଠକ୍‌ଥି ୪ ଶହ ୧୩ କୋଟି ଟଙ୍କାର୍ ଶ୍ରୀମନ୍ଦିର ବଜେଟ୍‌କେ ମିଲ୍‌ଲା ଅନୁମୋଦନ୍ ।

ଆଉର୍

୪- ବଲାଙ୍ଗିର୍-ବର୍ଗଡ଼୍ ମହାସମୁନ୍ଦ୍ ଡିଭିଜନ୍ ନ ୨ ଝନ୍ ମାଓବାଦୀ କଲେ ଆତ୍ମସମର୍ପଣ୍ ।

ରିସ୍ଜେଂଟ୍ ଓଡ଼ିଶା- ୨୦୨୪ ଆର୍ଏନ୍ୟୁ/ କଟକ୍

ରାଏଜେ ଶିଳ୍ପାୟନ୍‌ର ପ୍ରଭାବ୍‌ଥି ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ନ ଗ୍ଲୋବାଲ୍ ଟ୍ରେଡ଼୍ ସୋ 'ରିସ୍ଜେଂଟ୍ ଓଡ଼ିଶା- ୨୦୨୪'କେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଜ୍ୟ ସର୍‌କାର୍ ହେଉଛନ୍ ଲୁକ୍‌କର୍ ସର୍‌କାର୍ । ସାଧାରଣ ଶିକ୍ଷା ସହେତେ ବୈଷୟିକ ଶିକ୍ଷା ନେଉଥିବା ରାଜ୍ୟର୍ ଛାତ୍ରଛାତ୍ରୀମାନ୍‌କୁ ଶିଳ୍ପାୟନ ସହେତେ ଆଗ୍‌କେ ବଢ଼ାବାର୍‌କେ ପଡ୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସର୍‌କାର୍ କ୍ଷୁଦ୍ର ଆଉ ମଧ୍ୟମ ଶିଳ୍ପ ଆର୍ କୃଷି ଭିତିକ ଶିଳ୍ପ ଉପ୍‌ରେ ଅଏତ୍‌କା ଗୁରୁତ୍ୱ ଦେଉଛନ୍ । ରାଏଜେ ଶିଳ୍ପାୟନ୍ ବଢ୍‌ଲେ ଯୁଆନ୍ ପିଲା ଟୁକେଲ୍‌ମାନ୍‌କର୍ ଲାଗି ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେଇପାର୍‌ବା ଆର୍ ପୂର୍ବୋଦୟ ବିକାଶ୍‌ଥି ଓଡ଼ିଶା ଅଲ୍‌ଗା ରାଜ୍ୟନୁ ସବୁନୁ ଆଗାଢ଼େ ରହେବା । ରାଜ୍ୟ ସର୍‌କାର୍ ଶିଳ୍ପ ସଂସ୍ଥାମାନ୍‌କର୍ ଭିତିଭୂମିର ବିକାଶ୍ କର୍‌ବାର୍‌କେ ପ୍ରତିଶ୍ରୁତିବଦ୍ଧ ବଲି ମୁଖ୍ୟମନ୍ତ୍ରୀ ତାଙ୍କର୍ ଉଦ୍‌ବୋଧନ୍‌ଥି କହିଛନ୍ । ଇ

କାର୍ଯ୍ୟକ୍ରମ୍‌ଥି ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ କହିଛନ୍ ଯେ, ଉତ୍କର୍ଷ ଓଡ଼ିଶା ନିବେଶକ ସମ୍ମିଳନୀ ଜରିଏ ୨୦୨୯ ମସିହାତକ୍ ରାଏଜେ ୨ ଲାଖ୍ ୫୦ ହଜାର୍ କୋଟି ଟଙ୍କାର୍ ପୁଞ୍ଜି ନିବେଶ୍ ହାସଲ୍ କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ । ସେନ୍ତା ୨ ବିଲିୟନ୍ ଟଙ୍କାର ବୈଦେଶିକ ପୁଞ୍ଜିନିବେଶ୍ ଆନ୍‌ବାର୍ ଲାଗି ସର୍‌କାର୍ ଯୋଜ୍‌ନା କରୁଛନ୍ ।

ଛାତ୍ରଛାତ୍ରୀଙ୍କୁ ଆର୍ଥିକ୍ ସାହାଜ ଆର୍‌ଏନ୍‌ୟୁ/ ସମ୍ବଲପୁର

ଅର୍ଥ ଅଭାବ୍‌ନୁ ଉଚ୍ଚଶିକ୍ଷାନୁ ବଂଚିତ୍ ହେଉଥିବା ଛାତ୍ରଛାତ୍ରୀମାନ୍‌କର୍ ଭବିଷ୍ୟତ୍ ଲାଗି ରାଜ୍ୟ ସର୍‌କାର୍ ଇ ବଛର୍‌ନୁ ସ୍ନାତକ ଆଉ ସ୍ନାତକୋତର ପଢୁଥିବା ଛାତ୍ରଛାତ୍ରୀଙ୍କୁ ଆର୍ଥିକ୍ ସାହାଜ୍ ଯୁଗେଇ ଦେବେ । ଇଥିର୍‌ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଗୁଟେ ଯୋଜ୍‌ନା ପ୍ରସ୍ତୁତ୍ କରାଯାଉଛେ ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଆଏଜ୍ ବିଧାନ୍‌ସଭା ନ କହିଛନ୍ । ବିଧାୟକ୍ ଚକ୍ରମଣି କହଁରଙ୍କର୍ ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ କହିଛନ୍ ଯେ, ରାଜ୍ୟ ସର୍‌କାର୍ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ୍ ଯୋଜ୍‌ନା ନାଁଥି ଗୁଟେ ସଂଗଠିତ୍ ଯୋଜ୍‌ନା ଉଚ୍ଚଶିକ୍ଷା ବିଭାଗ୍ ଜରିଏ ପ୍ରଚଲନ୍ କରିଛନ୍ । ଇ ମେଧାବୃତି, ବ୍ୟାସକବି ଫକୀର ମୋହନ୍ ଭାଷାବୃତି ଆର୍ ଗୋପବନ୍ଧୁ

ଶିକ୍ଷା ସହାୟତା ଯୋଜ୍ନାକେ ଇ ସଂଗଠିତ୍ ଯୋଜ୍ନା ଭିତ୍ରେ ରଖାଯାଇଛେ ।

ସୁଭଦ୍ରା ଯୋଜ୍ନା-ଟୋଲ୍ଫ୍ରି ନମ୍ବର ଆର୍ଏନ୍ୟୁ/ ସମ୍ବଲପୁର

ସୁଭଦ୍ରା ଯୋଜ୍ନାର୍ ସଫଲ୍ ରୂପାୟନ୍କେ ନଜର୍ଥି ରଖିକରି ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍ଫୁ ଟୋଲ୍ଫ୍ରି ନମ୍ବର୍ -୧୪୬୭୮ ଆଏଜ୍ ଜାରି କରାଯାଇଛେ । ସଖାଲର୍ ୬ ବଜେନୁ ରାତି ୧୦ ବଜେତକ୍ ଇ ନମ୍ବର୍ କାମ୍ କର୍ବା । ଇ ସମିଆ ଭିତ୍ରେ ଲୋକ୍ମାନେ ଟୋଲ୍ଫ୍ରି ନମ୍ବର୍କେ କଲ୍ କରିକରି ସୁଭଦ୍ରା ଯୋଜନା ବାବ୍ଦେ ସବୁ ତଥ୍ୟ ବୁଝିପାର୍ବେ ବଲି ବିଭାଗ୍ ତର୍ଫୁ ସୂଚ୍ନା ମିଲିଛେ । ବିଭାଗ୍ ତର୍ଫୁ କୁହାଯାଇଛେ ଯେ, ଯେନ୍ ମହିଲାମାନେ ରାଜ୍ୟ କି କେନ୍ଦ୍ର ସର୍କାର୍ର ଯୋଜ୍ନା ଅଧୀନ୍ଥି ପେନ୍ସନ୍, ଛାତ୍ରବୃତି ବାବ୍ଦେ ଫି’ ମାସେ ୧୫ ଶହ ଟଙ୍କା କି ତାର୍ ନୁ ଅଏତ୍କା ଆଉ ବଛର୍କ ୧୮ ହଜାର୍ ଟଙ୍କା କି ତାର୍ନୁ ଅଏତ୍କା ପାଉଥିବେ ସେମାନେ ଅଯୋଗ୍ୟ ହେବେ । ହେଲେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, କମ୍ୟୁନିଟି ରିସୋର୍ସ ପର୍ସନ୍, ମାଷ୍ଟର୍ ବୁକ୍ କିପ୍ର୍ ଆର୍ ଆଉଟ୍ସୋର୍ସିଂ ସଂସ୍ଥା ଜରିଏ କାମ୍ କରୁଥିବା ମହିଲାମାନେ ମାର୍ଗଦର୍ଶିକାଥି ଥିବା ବାକି ସବୁ ମାନଦଣ୍ଡ ହିସାବ୍ଥି ଯୋଗ୍ୟ

ହେଉଥିଲେ ସେମାନେ ଭିଲ୍ ସୁଭଦ୍ରା ଯୋଜ୍ନାଥି ଆବେଦନ୍ କରିପାର୍‌ବେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ସ୍ତନ୍ୟପାନ କକ୍ଷ ପ୍ରତିଷ୍ଠା ଆର୍‌ଏନ୍‌ୟୁ/ସମ୍ବଲପୁର

ରାଜ୍ୟର୍ ସବୁ ସର୍‌କାରୀ ଆଉ ଘରୋଇ କାର୍ଯ୍ୟାଳୟ ସହେତେ ସର୍ବସାଧାରଣ ଜାଗା ନ ସ୍ତନ୍ୟପାନ କକ୍ଷ ପ୍ରତିଷ୍ଠା କରାଯିବା । ଇତାକେ ନେଇକରି ମହିଳା ଆଉ ଶିଶୁ କଲ୍ୟାଣ୍ ବିଭାଗ୍ ତର୍‌ଫୁ ରାଜ୍ୟର୍ ସବୁ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ, ପ୍ରମୁଖ ଶାସନ୍ ସଚିବ, ସ୍ୱତନ୍ତ୍ର ଶାସନ୍ ସଚିବ ଆର୍ ଜିଲ୍ଲାପାଲ୍ ମାନ୍‌କୁ ଚିଠି ଲେଖାଯାଇଛେ । ମହିଳାମାନ୍‌କର୍ ଲାଗି ସର୍‌କାରୀ କାର୍ଯ୍ୟାଳୟ ଆର୍ ସର୍ବସାଧାରଣ୍ ଜାଗା ନ ସ୍ତନ୍ୟପାନ କରାବାର୍‌କେ ଗୁଟେ ଆରାମ୍‌ଦାୟକ୍, ଏକାନ୍ତ ଆର୍ ସ୍ୱଚ୍ଛ ସ୍ଥାନ ତିଆର୍ କର୍‌ବାର୍ ଲାଗି ଚିଠିଥି ଅନୁରୋଧ୍ କରାଯାଇଛେ । ଇଟା ହେଲେ ମହିଳା କର୍ମଚାରୀ ଆର୍ ସାଧାରଣ ମହିଳା ଲାଭ୍ ପାଏବେ ।

ମଧୁବାବୁ ଭତା ଯୋଜ୍ନା ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ମଧୁବାବୁ ଭତା ଯୋଜ୍‌ନାଥି ୩୬ ଲାଖ୍ ୭୫ ହଜାର୍ ୮ ଝନ୍‌କୁ ଭତା ଦିଆଯାଉଛେ ବଲି ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ବିଧାନ୍‌ସଭା ନ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ୍ ଅଧୀନ୍‌ଥି ୨୦ ଲାଖ୍ ୩୩ ହଜାର୍ ୯ ଶହ ୫୯ ଝନ୍ ଭିନ୍ନକ୍ଷମ, ବିଧବା, ୬୦ ବଛର୍‌ନୁ ଅଏତ୍‌କା ବୟସ୍କ ଆର୍ ଅଲ୍‌ଗା ହିତାଧିକାରୀମାନ୍‌କୁ ଫି' ମାସେ ଭତା ଦିଆଯାଉଛେ ।

ଶ୍ରୀମନ୍ଦିର୍ ପରିଚାଳନା କମିଟି ବୈଠକ    ଆର୍‌ଏନ୍‌ୟୁ/ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କର୍ ଅଧ୍ୟକ୍ଷତାଥି ଶ୍ରୀମନ୍ଦିର୍ ପରିଚାଳନା କମିଟି ବୈଠକ୍ ଆଏଜ୍ ହେଇଯାଇଛେ । ବୈଠକ୍‌ଥି ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ୪ ଶହ ୧୩ କୋଟି ଟଙ୍କାର୍ ପ୍ରସ୍ତୁତ୍ ହେଇଥିବା ଶ୍ରୀମନ୍ଦିର୍ ବଜେଟ୍‌କେ ଅନୁମୋଦନ୍ ମିଲିଛେ । ଇତାର୍‌ସହେତେ ଶହେ ୩ କୋଟି ଟଙ୍କାର୍ ବଳକା ବଜେଟ୍ ଭିଲ୍ ପାରିତ୍ ହେଇଛେ । ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ୫ ଶହ କୋଟି ଟଙ୍କାର୍ କର୍ପସ୍ ପାଣ୍ଠିକେ ବୈଠକ୍‌ଥି ସ୍ୱାଗତ୍ କରାଯାଇଥିଲା । ଇତାର୍‌ସହେତେ ଭକ୍ତମାନ୍‌କର୍ ଶୃଙ୍ଖଲିତ

ଦର୍ଶନ୍ ଉପ୍‌ରେ ଆଲୋଚନା ହେଇଥିବାର୍ ବେଲେ ଖାସ୍ କରି ମହିଳା, ଶିଶୁ ଆଉ ବୟସ୍କ ମାନ୍‌କର୍ ଲାଗି ସ୍ୱତନ୍ତ୍ର ଧାଡ଼ି ଦର୍ଶନ୍‌ର ବ୍ୟବସ୍ଥା କରାଯିବା ବଲି ନିଷ୍ପତି ନିଆଯାଇଛେ । ସେନ୍ତା ନାଟମଣ୍ଡପ୍ ନ ଥିବା ସବୁ ଆଲ୍‌ମିରା କଢ଼ାଯିବାର୍ ସଙ୍ଗେ ନାଟମଣ୍ଡପ୍‌କେ ଶୀତତାପ ନିୟନ୍ତ୍ରିତ କରାଯିବା । ଶ୍ରୀମନ୍ଦିର୍ ଲାଗି ସ୍ୱତନ୍ତ୍ର ଏଫ୍.ଏମ୍. ଚେନାଲ୍ କରାଯିବାର୍‌କେ ଭିଲ୍ ବୈଠକ୍‌ଥି ଆଲୋଚନା ହେଇଛେ । ସେନ୍ତା ଆଡ଼ପମଣ୍ଡପ୍ ପହଣ୍ଡି ଅଘଟନ୍ ଘଟ୍‌ନାର୍ ତଦନ୍ତ୍ କରିଥିବାର୍ କମିଟିର୍ ରିପୋର୍ଟ ଉପ୍‌ରେ ବୈଠକ୍ ନ ଆଲୋଚନା ହେଇଥିଲା । ଆଏବା ଦିନେ ପହଣ୍ଡି ସୁପରିଚାଲନା ନେଇକରି ୯ ଟା ଦିଗେ ଗୁରୁତ୍ୱ ଦିଆଯିବା । ରଥ ଉପ୍‌ରେ କେତେଝନ୍ ସେବକ୍ ରହେବେ ସେ ଉପ୍‌ରେ ବାଡ଼ଗ୍ରାହୀମାନେ ନିଷ୍ପତି ନେବେ । ଇ ବୈଠକ୍‌ଥି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କର୍ ସହେତେ ଜିଲ୍ଲାପାଲ୍, ଏସ୍.ପି., ସେବାୟତ ଆର୍ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

## ୨ ମାଓବାଦୀ ଆତ୍ମସମର୍ପଣ୍ — ଆର୍‌ଏନ୍‌ୟୁ/ ସମ୍ବଲପୁର

ବଲାଙ୍ଗିର୍-ବର୍‌ଗଡ୍ ମହାସମୁନ୍ଦ ଡିଭିଜନ୍‌ର ୨ ଝନ୍ ମାଓବାଦୀ ଆଏଜ୍ ଉତରାଂଚଲ୍ ଆଇଜି ହିମାଂଶୁ ଲାଲ୍‌ଙ୍କର୍ ପାଖେ

ଆତ୍ମସମର୍ପଣ୍ କରିଛନ୍ । ସେମାନେ ହେଲେ ଛତିଶ୍‌ଗଡ଼୍ ବିଜାପୁର୍ ଜିଲ୍ଲାର୍ ଅମିଲା ଓରଫ୍ ପୂଜା ତାତି ଆଉ ସୁକୁମା ଜିଲ୍ଲାର୍ ରଘୁ ଓରଫ୍ ସାଇତୁ ପଦମ୍ । ଇ ଦୁଇ ଝନ୍ ଗନ୍ଧମାର୍ଦ୍ଦନ୍ ଇଲାକା ନ ଗଲା କେତେ ବଛର୍ ହେଲା ମାଓବାଦୀ କାର୍ଯ୍ୟକଳାପ୍‌ଥି ସାମିଲ୍ ଥିଲେ । ଦୁହିକର୍ ନାଁଥି ନଗଦ୍ ପୁରସ୍କାର୍ ଘୋଷ୍‌ନା କରାଯାଇଥିଲା । ବର୍‌ଗଡ଼୍ ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟ ନ ଆଏଜ୍ ଉପର୍‌ବେଲା ପୁଲିସ୍ ଆଇ.ଜି. ହିମାଂଶୁ ଲାଲ୍ ଆଉ ବର୍‌ଗଡ଼୍ ଏସ୍.ପି. ପ୍ରହଲ୍ଲାଦ ସହାୟ ମୀନା ଘଟ୍‌ନା ବାବ୍‌ଦେ ପୁରା ସୂଚ୍‌ନା ଦେଇକରି କହିଛନ୍ ଯେ, ଗଲା ୬ ମାସ୍ ହେବା ପୁଲିସ୍ ତର୍‌ଫୁ ଗନ୍ଧମାର୍ଦ୍ଦନ୍ ଇଲାକା ନ ତଲାସୀ ଅଭିଯାନ୍ ଚାଲିଥିବାର୍ ବେଲେ ବହୁତ୍ ପରିମାଣ୍‌ର ନକ୍ସଲ୍ ସାମଗ୍ରୀ ଜବତ୍ କରାଯାଇଛେ । ଇତାର୍‌ସହେତେ ମାଓବାଦୀ ମାନେ ସମାଜ୍‌ର ମୁଖ୍ୟସ୍ରୋତଥି ସାମିଲ୍ ହେବାର୍‌କେ ପୁଲିସ୍ ତର୍‌ଫୁ ଅପିଲ୍ କରାଯାଇଛେ ।

ଆକାଶବାଣୀ ଅଧିକାରୀ ଅବସର ଆର୍‌ଏନ୍‌ୟୁ/ସମ୍ବଲପୁର

ଆକାଶବାଣୀ, ସମ୍ବଲପୁର କେନ୍ଦ୍ରର ସଂଗୀତ ସଂଯୋଜକ ବିଜୟ କୁମାର୍ ବେହେରା ଆଏଜ୍ ଚାକିରୀ ନୁ ଅବସର ନେଇଛନ୍ । ୨୦ ନଭେମ୍ବର୍ ୧୯୯୮ ମସିହା ନୁ ଦୀର୍ଘ ୨୬ ବରସ୍

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ନ ସେ କାମ୍ କରିଛନ୍ । ଆଏଜ୍ ଆକାଶ୍‌ବାଣୀ ରିକ୍ରିଏସନ୍ କ୍ଲବ୍ ତର୍‌ଫୁ କେନ୍ଦ୍ର ନ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଇଥି ଦୂରଦର୍ଶନ୍ କେନ୍ଦ୍ରର୍ ସହାୟକ ନିର୍ଦ୍ଦେଶକ୍ ଆଉ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ମୁଖ୍ୟ ପ୍ରଦୀପ୍ତ କୁମାର୍ ମିଶ୍ର ଆଉ କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟ ଉପସ୍ଥିତ୍ ଥିଲେ । ସଭାକେ ରିକ୍ରିଏସନ୍ କ୍ଲବ୍‌ର ସମ୍ପାଦକ କ୍ଷେତ୍ରମଣି ବିଭାର୍ ପରିଚାଳନା କରିଥିଲେ ।

ବୌଦ୍ଧ- କୌଶଲ୍ ରଥ ବୌଦ୍ଧ ସମ୍ବାଦଦାତା

ଦକ୍ଷତା ବିକାଶ୍ ଆଉ ନିଯୁକ୍ତି ସଚେତନତା ବାର୍ତା ନେଇକରି ବୌଦ୍ଧର ହର୍‌ଭଙ୍ଗା, ପୁରୁଣାକଟକ୍, ବଘିଆପଡ଼ା ଇଲାକା ନ କୌଶଲ୍ ରଥ ବୁଲିଛେ । ଭିନ୍ ଭିନ୍ ମହାବିଦ୍ୟାଳୟ, ହାଇସ୍କୁଲ୍ ନ ଇ ରଥକେ ଛାତ୍ରଛାତ୍ରୀମାନେ ସ୍ୱାଗତ୍ କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଦକ୍ଷତା ବୃଦ୍ଧି ଆଉ ନିଯୁକ୍ତି ଦୀର୍ଘକାଳୀନ ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ଉପ୍‌ରେ ସଚେତନତା କର୍‌ବାର୍‌କେ ନେଇକରି ଜିଲ୍ଲା ନ ଗଲା ୨୮ ତାରିଖ୍‌ନୁ କୌଶଲ୍ ରଥର ଶୁଭାରମ୍ଭ ହେଇଛେ ।

ଦୁର୍ଘଟଣା ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍ପୁର୍ ବରେଇପାଲି ଥାନା ଇଲାକାର୍ ବରେଇପାଲି ଆଉ ରେମେଡ୍ ଛକ୍ ମଝି ନ ଜାତୀୟ ରାଜ୍‌ପଥ୍ ଉପ୍‌ରେ ଗୁଟେ ଟ୍ରଲର୍ ଆଉ ଗୁଟେ ସ୍କୁଟି ଭିତ୍‌ରେ ଧକ୍କା ହେବାର୍‌ନୁ ଝନ୍‌କର୍ ଜୀବନ୍ ଯାଇଛେ । ସୂଚ୍‌ନା ଅନ୍‌ସାରେ ଆଏଜ୍ ଗୁଟେ ସ୍କୁଟିଥି ଝନେ ଲୋକ୍ ଅଇଁଠାପାଲି ଆଡୁ ରେମେଡ୍ ଆଡ଼େ ଯାଉଥିବାର୍ ବେଲେ ଗୁଟେ ଟ୍ରଲର୍ ସ୍କୁଟିକେ ଧକ୍କା ଦେଇଥିଲା । ଘଟ୍‌ନା ଜାଗା ନ ସ୍କୁଟି ଚାଲକଙ୍କର୍ ଜୀବନ୍ ଯାଇଥିଲା । ଘଟ୍‌ନା ଜାଗା ନ ପୁଲିସ୍ ପୁହୁଁଚିକରି ଟ୍ରଲର୍‌କେ ଜବତ୍ କର୍‌ବାର୍ ସହେତେ ଡ୍ରାଇଭର୍‌କେ ଥାନା ନ ଅଟକ୍ ରଖିକରି ତଦନ୍ତ୍ ଜାରି ରଖିଛନ୍ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ସମ୍ବଲପୁର୍ ସମ୍ବାଦଦାତା

ଲଗାତାର୍ ବର୍ଷା ଲାଗି ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲସ୍ତର୍ ବଢୁଛେ । ଇଥିର୍‌ଲାଗି ଜଲ୍‌ଭଣ୍ଡାର୍‌ର ଆଉ ୪ ଟା ଗେଟ୍ ଆଏଜ୍ ଖୁଲାଯାଇଛେ । ଏଛେନ୍ ମୋଟ୍ ୬ ଟା ଗେଟ୍ ଦେଇକରି ବଢ଼ି ପାଏନ୍ ମହାନଦୀକେ ଛଡ଼ାଯାଉଛେ । ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଏଛେନ୍ ୬ ଶହ ୨୩ ଦଶ୍‌ମିକ୍ ୩/ ୯ ଫୁଟ୍‌ଥି ରହିଛେ । ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌କେ ୧

ଲାଖ୍ ୨୩ ହଜାର୍ ୬ ଶହ ୫୭ ଘନଫୁଟ ପାଏନ୍ ଆସୁଥିବାର୍ ବେଲେ ସେତ୍କି ପାଏନ୍ ଛଡ଼ାଯାଉଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ଆଉ ଉତର୍ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ଅଏତ୍କା ଘନୀଭୂତ ହେଇଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ବହୁତ୍‌ଟେ ଜାଗା ନ ବର୍ଷା ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ଆଏବା କାଏଲ୍ ନୂଆପଡ଼ା, କଲାହାଣ୍ଡି ସହେତେ ୫ ଟା ଜିଲ୍ଲା ନ ୭ ନୁ ୧୧ ସେଂଟିମିଟର୍‌ତକ୍ ବର୍ଷା ହେଇପାରେ ବଲି ସୂଚ୍‌ନା ମିଲିଛେ ।